ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

## ଗଳ୍ପ ବିଭାଗ

# କିଲିବିଲିଆ କିଙ୍ଗ୍

ରାମକୃଷ୍ଣ ଦାଶ

ଖାଗଣି ଗାଁରେ ପ୍ରଥମ ମୁଣ୍ଡରେ ଘରଟା ମାଧି ଗିରୀର । ସ୍ୱାମୀ ରିଆ ଓରଫ ନରଗିରୀ ଗୋଟାଏ ପେଟିପାରା ତଳେ କୁକୁଡ଼ା, ଛେଳି ଓ ଗାଇ ବାଛୁରୀଙ୍କୁ ନେଇ ସଂସାର । ନରି ମୃତ୍ୟୁ ପରେ ବହୁ କଷ୍ଟରେ ମାଧି ଗାଁ ଧାଇ ଜରୀଆରେ ଆଠମାସ ପରେ ଜନ୍ମ କରିଥିବା ଗେଟି ରାଣ୍ଡିଆ ଛୁଆ କିଲିବିଲି ହୋଇ ଆସିଥିବାରୁ ନାଁ କିଲିବିଲିଆ ଭଲ ନାଁ କାଗେଜି ଗିରୀ ।

ପିଲାବେଳୁ ସେ ଚିଡ଼ିଚିଡ଼ା ଧର୍ମଠକ, ବାଗର ଥିବା ପାରା, କୁକୁଡ଼ା, ଛେଳି ବିକ୍ରି ପରେ ମା'ର ପର ଘର ପାଇଟି ଗାଇ ବାଛୁରୀରେ ଦୁହେଁ ଚଳି ଯାଆନ୍ତି । କିଲିବିଲିଆ ଗାଇ ଚରାଏ, ତେଣୁ ସେ ଗାଇଆଳ ଦଳିଆ ଭେଲୁ, ନେଉଳ, କାଳନେମୀ, ଠେଁସୀ ନାନୀ, ଟେକି ଭୋଇଙ୍କ ଭିତରେ ସର୍ଦ୍ଦାର ।

ଦିନରେ ବିଲରେ ଚେଙ୍ଗେଇ ଚାଉଳ, କଣ୍ଟେଇକୋଳି ଚାଉଳ ଭଜା ଖାଇ ସନ୍ଧ୍ୟା ପୂର୍ବରୁ ବିଲରୁ ଧରିଥିବା ମାଛ, ଚିତଉ କଙ୍କଡ଼ା, ତୋଳା କଙ୍କଡ଼ା, ହୁଙ୍କା ଗଛକୁ ଧରି ଘରକୁ ଫେରିଲେ ମାଧି ତରକାରୀ ସହ ବାଢ଼ିଦିଏ ବେଲାଏ ଭାତ ରସୁଣ ଲୁଣ ଦେଇ କଙ୍କଡ଼ା ଛେଚା ଗେଫି ଦେଇଯାଏ କାଗେଜି । ବିଲ ଫିଷ୍ଟିରେ ଅହିରେ କାଳମେମୀ ଓ ଟେକି ଭୋଇ ଭାତ ସହ ରାନ୍ଧନ୍ତି ଗୋଟି ମଦରଙ୍ଗା କଳମ, ସୁନୁସୁନିଆଁ ଶାଗ ଝୋଳ ସହ ମଡ଼ମଡୁଆ ଟୋକେଇ କୁଣ୍ଡେଇ ଫୁଲଭାଜି । କଇଁପତରରେ ଟେକି ବାଢ଼ିଦେବା ବେଳେ ତା' ଚିରା ଫ୍ରକ୍‌ରୁ ଗଳିପଡ଼େ ଯୌବନା ଠେଁସି ଚିରାଲୁଗା ପିନ୍ଧି ତାକୁ ଟେକିଦେଇ ଖାଇବା ବେଳେ ଭେଲୁ, ନେଉଳଙ୍କ ଦେହ ଶିରି ଶିରି ହୁଏ ।

ଠେଁସି ଗପିଯାଏ ଗାଇଚରା ଓ ବିଶି ବିଲ ପାଟରେ କଇଁତୋଳା ବେଳେ ଜୋକ ଲାଗିବା ନାଁରେ କୋଳାକୋଳି ବେନ୍ଦେରା ବାରିକ ସହ । ଧୂ ଧୂ ଖରାରେ ବରଗଛ ମୂଳ ପୀରତି ପେଡ଼ି ଖୋଲିଲେ କିଲିବିଲିଆ କି ଥୟ ଥରେ । ଫୁସ୍‌ଫୁସ୍ କଥା, ଠରାଠରି ପରେ ଟେକିକୁ ପଟେଇ ନେଇଯାଏ କିଆ ବଣକୁ । ପ୍ରେମରେ ମାତିବା ପରେ ଦୁହେଁ ଖୁସ୍ ହୋଇ ଫେରନ୍ତି ।

ଗାଇଆଳ କହିବା ପରେ ଭୋଇ ସାହିଆ ଅଡ଼ି ବସିଲେ ଟେକିକୁ ନଷ୍ଟ କରିଥିବାରୁ କିଲିବିଲିଆ ବାହା ହେବାକୁ ହେବ । ବାଉରୀ ଓ ନାଗା ଭିତରେ ବନ୍ଧୁ ଅସମ୍ଭବ । ସାଇଭାଇ ଅଡ଼ି ବସିଲେ, ମାଧି ନିରୂପାୟ । ପୁଅର ଆପତ୍ତି ନାହିଁ ? ପୁରୀରୁ ଜାତି କରାଇ ଟେକିକୁ ତା ପୁଅ ବାହା ହେବାରୁ ଜାତିଟା ବାଏଁ ବାଏଁ ଉଡ଼ିଗଲା । ସାଇଭାଇ ଜାତି କେହି ପତର ପକେଇଲେନି କେବଳ ବାଉରୀ ସାହିଆ ଭୋଜି ଖାଇ ଖୁସ୍ । ଦି'ଗୁଣ୍ଠ ଜମି ବିକି ମାଛଘାଣ୍ଟିଆ ଖାଇବା ପରେ ଗିରୀ ସାହିଆ କୁକାଟି ବାଉରି ସାହି ସହ ସେ ଭାଇ ବାନ୍ଧିଲା ।

ଚାଲାଖ ଲୋକଙ୍କ ଏ ଜାତି ପ୍ରଥା ଭାରି ଭୟଙ୍କର । ଆରେ ଢାମଣା ବୁଲି ବୁଲି ଆସି ସେଇ ଅଗଣା । ଦିନେ

ଟେକି କିଲିବିଲିଆକୁ କହିଲା- ଆମେ ପଠାଣ ତିଆରି ଆଇସକ୍ରିମ୍ ଚିକେନ୍ ମଟନ ପାଉଁରୁଟି ଖାଉଛୁ, ବାଉରି ସମସ୍ତଙ୍କୁ ସବାରୀ ପାଲିଙ୍କିରେ ବୋହୁଛନ୍ତି ଶୁଭକାମ ଓ ଠାକୁରଙ୍କ ପାଖରେ ଶଙ୍ଖ ବଜାଉଛନ୍ତି, ସେଥିରେ ଛୁଆଁ ନାହିଁ, ଆମେ ପେରେମ କରି ବାହା ହେବାରୁ ଗରିବ ବୋଲି ଆମ ଲାଗି ସବୁ ଫରିବି ବାହାରୁଛି । ସେଦିନ ଗାଇପଲ ନେଇ ଫେରିବା ବେଳେ ବଡ଼ଭେଡ଼ି ପାଖରେ ଖଳ କରି ଶେଉଳଟା ଡେଇଁ ପଡ଼ିଥିଲା ଦିହେଁ ଧରି ଫେରିଲେ । ରାତିରେ ଗରମ ଭାତକୁ ଶେଉଳ ଝୋଳ ଗୁଣ୍ଡା ଟାଣି ନେବ ଭାବି ତରତର ହୋଇ ଟେକି ତାକୁ କାଟି ଧୋଇ ହଳଦୀ ଲୁଣ ଗୋଳେଇଲା, ରାତିରେ ସୋରିଷ ବଟା ଦେଇ ଚାଟଣ କରିବ ।

ଗାଁର ବଦମାସ ପିଲାଙ୍କ ସର୍ଦ୍ଦାର ସୁକୁଟା । ନିତି ବଦମାସୀ । କେବେ କୁମ୍ଭାରଙ୍କ କଞ୍ଚାହାଣ୍ଡି ଫୁଟା, ୟା ଧଡ଼ା ତା ଘରେ ପକାଇ ଖୁଣ୍ଟରେ ଏମିତି କରନ୍ତି । ଗାଁ ସାରା ନିତି ସକାଳେ ଝଗଡ଼ା । ଆଜି ପ୍ଲାନ ଟେକି ଘରକୁ ଟେକାମାଡ଼ ହେବ ? ରାତି ନଅଟା ବେଳକୁ ଟେକି ଚୁଲିରେ ବସାଇଛି ତରକାରୀ ଓ କିଲିବିଲିଆ କୁଣ୍ଡେଇ ବସିଛି ଚୁଲି ଭଙ୍ଗାକୁ ଆନନ୍ଦ ମାଡ଼ ହେଲା ।

ଗରମ ଝୋଳ ଦୁହିଁଙ୍କ ଉପରେ ପଡ଼ି ଜଳୁଛି । ବାହାରକୁ ଆସି ଦେଖିବାରେ ଦଳେ ଟ୍ୟୁସନ ପିଲା ହସାହସି ହୋଇ କୁରୁଳୁଛନ୍ତି । କିଲିବିଲିଆ ଧରିନେଲା ଚଗଲା ସର୍ଦ୍ଦାର ସୁକୁଟାକୁ, କହିଲା ଚାଲ୍ ତୋ ବୋପା ପାଖକୁ ?

ଅନ୍ୟ ଟୋକା ତା'ର ହୁଡ୍ ଟେକି ଲଙ୍ଗଳା କରି ସାରିଲେଣି । ପୁରା ଲଙ୍ଗଳା ହୋଇ ଡାକ ଛାଡ଼ିବାରେ ଲୋକେ ଜମା ହେଲେ । କିଲିବିଲିଆ କହୁଥାଏ ଆଜି ତୋ ବୋପା ବାହାଘର ଦେଖାଇବି । ଝିଅ ମାଇପେ ତା'ର ଏ ଅବତାର ଦେଖି ଆଖିବୁଜି ଦେଲେଣି । କେହି କିଛି ବୁଝି ପାରୁନାହାନ୍ତି । ଶିରି ବାଉରାଣୀ ତାକୁ ଗାମୁଛା ପିନ୍ଧାଉଥାଏ । ସୁକୁଟା ତାକୁ ଟାଣି ଟାଣି ତା' ବାପ ପାଖକୁ ନେଲା ।

ପିଲାଏ ପଛରୁ କମେଟ୍ କଲେ କିଲିବିଲିଆ କିଙ୍ଗ୍ ହୁଡ଼ି ଖୋଲା ? ଏଥର ତାକୁ କିଏ ସମ୍ଭାଳେ ? କହିଲା ଆଜି ସୁକୁଟା ଦୁଆରେ ଆତ୍ମହତ୍ୟା କରିବି ? ସୁକୁଟା ବାପ ଦିଜ ଦାଶ କୁଙ୍କୁରିକାଙ୍କୁରି ହୋଇ ନେହୁରା ହେଉଥାଏ, କହୁଥାଏ ଯାହା ତମର କ୍ଷତିପୂରଣ ହୋଇଛି ମୁଁ ଦେବି ? ତା ସତ୍ତ୍ୱେ ବି ସେ ଭୂମିରେ ପଡ଼ି ଗଡ଼ି ଯାଉଥାଏ ।

ଟେକି କବାଟ ଆଉଜାଇ ମାଛ ତରକାରୀରୁ ଭଙ୍ଗା କୂଅନନ୍ଦ କାଢ଼ି ନଦିଆ ଘୋଡ଼େଇ ଆସିଛି । ଅନ୍ଧାରୁଆ ଖୋଜି ଖୋଜି ସେଠି ହାଜର ହୋଇ ଢଗ ପକାଉଥାଏ 'ବିଲୁଆ ମାଇପ ମେଳେ, କୃଷ୍ଣ ମାତିଥିଲେ ଲଉଡ଼ି ଖେଳେ, ଗୋଳ ହେଲା ଏଇ ବେଳେ । କ'ଣ ପାଇଁ ଆମପରି ଗରିବ ଲୋକଙ୍କୁ ଏତେ କଷ୍ଟ ଦେଉଛ ଦଣ୍ଡ ଦେଉଛ ତୁମ ବାଉଁଶ ବୁଡ଼ି ଯାଉ, ରଖେଇ ଦେଉନା କହିଲା ଟେକି । ଅନ୍ଧାରରେ ଦଳେ ତା'ର ଲୁଗା ଟାଣି ଦେଇ ଧରି ଦୌଡ଼ି ପଳାଇଲା । ସାୟା ବ୍ଲାଉଜ ଥାଇ ସେ ବି ଅଧା ଲଙ୍ଗଳା । ସେଇ ଅବସ୍ଥାରେ କହୁଥାଏ 'ଗରିବ ମାଇପ ସବୁରି ଶାଳୀ' । କ'ଣ ଦେଖିବ ଦେଖ ? ଯଦି ତମ ମା' ଭଉଣୀଙ୍କର ନାହିଁ ମୁଁ ପୁରା ଟେକି ଦେଉଛି ? ତା'ର ରଣଚଣ୍ଡି ବେଶ ଦେଖି ଗାଁ ମାଇପେ ତାକୁ ଘୋଡ଼ଇ ପକେଇଲେ । ନିଶାପ ହେବାକୁ କାଲିକୁ ସ୍ଥିର ହେବାରେ ଦୁହେଁ ଘରକୁ ଫେରି ଖିଆପିଆ କଲେ ।

ଆଗଚଲା କପିଳା ଭୋଇ ଗାଁ ମୁରବୀଙ୍କୁ କହି ଆସିଛି କାଲି ସନ୍ଧ୍ୟାରେ କାଗେଜି ଘର ପାଖରେ ନିଶାପ ହେବ । ସଞ୍ଜରୁ ଲଣ୍ଠନ ଜାଳି ହେଁସ ପକେଇ ଦି'ପ୍ରାଣୀ ବସିଛନ୍ତି । ଧୀରେ ଧୀରେ ଗାଁ ମୁରବୀ ମେଳ ହେଲେ ।

କଥା ପଡ଼ିବାରୁ ପ୍ରଥମେ ନାଗା ଦଳ କହିଲେ ଏ ଅଜାତିଆର ନିଶାପ କେବେ ହୋଇପାରିବନି ? ବାଉରି ସାଇଆ ଠେଙ୍ଗା ବାଡ଼ି ଧରି ତୟାର । କହୁଥାନ୍ତି ସେକି ଦେବୁ ରୁଟି ଭଲିଆ କ'ଣ ଭାବିଛ, ନିରୀହ ଲୋକ ବୋଲି ତା' ପାଇଁ ନ୍ୟାୟ ନାହିଁ ? ଟାଙ୍କେ ପିଇ ଯାଦୁଆ ଆସି ରୋଳ କାଢ଼ିଲାଣି କହି ଧସ୍ତାପେଲା, ଟେକି ଟେକି ଦେଲା ହୁଡ଼ ତା'ର କାଗେଜି ଦେଉଛି ଗୋଲା । ଗାଁ ଟାଉଟର ନାରଣ ହାତଗୁଞ୍ଜା ନେଇ ସୁକୁଟା ପାଇଁ ଯୁକ୍ତି କରୁଛି ସେ ଢେଲା ମାରିବାର

ପ୍ରମାଣ କ'ଣ ? ତମେ ତ ଘର ଭିତରେ ଥିଲା, ପିଲା ବାହାରେ କବାଟ ଖୋଲି ଗୋଡ଼ାଇବାରୁ ଦୌଡ଼ିଲେ । ସୁକୁଟା ଢେଲା ମାଡ଼ରେ ତୋ ମାଛ ତରକାରୀ ଝୋଳ ପଡ଼ି ଫୁଟୁକା ହେବାକଥା କଥାଟା ମିଛ । ସୁଦର୍ଶନ ଭାଇ କଥାଟାକୁ ପାକଳ କରି କହିଲେ 'ନିଆଁ ନଥିଲେ ଧୂଆଁ ନାହିଁ ।' କଥାଟା ଦୁଇଆଡ଼କୁ ପାଇଲା ।

ଗାଁ ନ୍ୟାୟ ନିଶାପରେ ଗରିବ ବଡ଼ଲୋକ ହୁଏ ଏବଂ ସେଇ ଧାରାରେ ସମସ୍ତେ ଏଇ ନିଶାପ ଆଗେଇ ନେବାକୁ ପ୍ରସ୍ତୁତ । ଟେକି ଓ କିଲିବିଲିଆଙ୍କ ଏକା ଜିଦ୍ ଠିକ୍ ନ୍ୟାୟ ନ ପାଇଲେ ସୁକୁଟା ଦୁଆରେ ଆତ୍ମହତ୍ୟା କରିବେ ? ଯେତେ ବୁଝେଇଲେ ବି ସେମାନେ ମାନିବାକୁ ପ୍ରସ୍ତୁତ ନୁହଁ । ବାଧ ହୋଇ ସୁକୁଟାର ବାପ ଦ୍ୱିଜ ମାମୁଁ ହାତଯୋଡ଼ି ସେମାନଙ୍କୁ କ୍ଷମା ମାଗିବା ସହ ଆଉ ଏପରି ହେବନି କହିଲା ପରେ ଦୁହେଁ ଖୁସ୍ ।

ଟେକି କାଗେଜିକୁ ବୁଝାଉଥାଏ, ପରାଣ ଧନ ତମେ ଆଉ ଏତେ ରାଗନା, ବ୍ରାହ୍ମଣ ଲୋକଟା ଭୁଲ୍ ମାଗିଲାଣି, ଛାଡ଼ । ଗାଁ ଟୋକା ରାଗିଲେ ଆମକୁ ରଖେଇ ଦେବେନି । କିଲିବିଲିଆ ଓରଫ କାଗେଜି କହୁଥାଏ- ରହ ଏଥର ଆମ ସହ କିଏ ଲାଗୁ ତାକୁ ଯଦି ପାନେ ନ ଦେଇଛି ମତେ କହିବୁ ?

ସାତ ଆଠଦିନ ପରେ ଦୁହେଁ କଥାବାର୍ତ୍ତା ହେଲେ ଅଢ଼େଇଶ ଖାସି ମାଂସ ଆଣି ଝୋଳ କରି ଖାଇବେ ? ଟେକି କହୁଥାଏ ମତେ ତ ସାଗୁଆତି ରୋଷେଇ ଆସେନି ? କାଗେଜି କହିଲା ବାଡ଼ିରୁ ପୋଇନାଟି କାଟି ଆଣି ସୋରିଷ ବାଟଣ ସହ କସି ପୋଇନାଟି ପକାଇ ଦେଇ ଦୁକୁଦୁକୁ ହେବାପରେ ତରକାରୀ ଓହ୍ଲାଇଲା ବେଳେ ଟିକେ ଗୁଡ଼ ଗୋଳେଇ ଦେବୁ, ଚୋଖା ଝୋଳ ହେବ । ହଉ ତମେ ବସି କହି ଦେବ ?

ଏକଥା ଭୋଇ ହାଲକଲା ପରେ ଗଧ ଚଢ଼ା ପୁଅ ଆରମ୍ଭ କଲା 'ବଉଁ, ଶାଗୁଆତିରେ ପୋଇ ଗୁଡ଼ ଦେଇ କଲୁ କେମିତି ଲାଗିବ ? ଟେକି କି ଆଉ ସମ୍ଭାଳେ, କଚ୍ଛାଭିଡ଼ି ଝଟାଝଟା ଆରମ୍ଭ କଲା । କାଗେଜି ପହଞ୍ଚିବାରୁ ଟୋକାଏ କିଲିବିଲିଆ କିଙ୍ଗ୍ ଆସିଲା ବାଟ ଛାଡ଼ କହି ସେ ଟେକିକୁ ସମର୍ଥନ କରି ଝଗଡ଼ାରେ ଲାଗିଗଲା । ଯାହା ଅଳ୍ପ ପ୍ରଚାର ହୋଇଥିଲା କଥାଟା ପୁରା ପ୍ରଘଟ ହେବାରୁ ବାଟୋଇ ନଛମନ ଯୋଡ଼ିଦେଲା ଶାଗୁଆତିରେ ପୋଇଗୁଡ଼ ଦେଇ ନଖାଇ କ'ଣ ଧୋବଲା ପିଆଜ ଖାଇବେ ? ପୁରା ରାସ୍ତାଟା ଯୁଦ୍ଧକ୍ଷେତ୍ର । କଲିକତି କଲିଘୁଡ଼ି ବେଶି କଲିଘୁଡ଼ି ଝଗଡ଼ା ପରି କି କହୁଥାଏ ଧୋବଲା ପିଆଜ ଆଉ କିଏ ଶାଗୁଆତି ପୋଇନାଟି ଗୁଡ଼ ? ବିଚରା ସ୍ୱାମୀ ସ୍ତ୍ରୀ ଦିଇଟା ଲମ୍ବ ଝାଲପଟା ହୋଇ ତଳେ ଶୋଇଗଲେ ।

ଭୟରେ ଲୋକେ ପାଣିସିଞ୍ଚି ସ୍ପ୍ରେ କଲେ । ଦୁହେଁ ଉଠିପଡ଼ି ଘରକୁ ଗଲେ । ଲୋକେ ଛାନିଆରେ ଯେ ଯାହା ଘରକୁ ଗଲେ । ସମସ୍ତେ କଥା ହେଉଥାନ୍ତି ଗରିବ ଦିଇଟା ମରିଯିବେ ଆଉ କେହି ତାଙ୍କ ସହ ଲାଗନାହିଁ ।

ପରଦିନ ଡାକୁଆ କପିଳା ତାଙ୍କ ଘରକୁ ଆସି ବୁଝେଇ ଦେଲା ଯାହା କହିଲେ ତମେ ଦିଇଟା ରାଗୁଛ, କେତେ ଲୋକଙ୍କ ସହ ଅପ୍ରିୟ ହେବ, କାହାରି କଥାରେ କାନ ଦିଅନି ? ଆଜିଠୁଁ ଟେକି ତତେ ଡାକିବ କିଲିବିଲିଆ କିଙ୍ଗ୍ ଆଉ ତୁ ତାକୁ ଡାକିବୁ ଟେକି ରାଣୀ ସମସ୍ତଙ୍କ ପାଟିରେ ବିଣ୍ଡା ପଶିଯିବ ।

ପରଦିନଠାରୁ ଶୁଣାଗଲା ଦୁହେଁ ଦୁହିଁଙ୍କୁ ଏଇ ନାଁରେ ଡାକୁଛନ୍ତି । ଦେଖିବା ଲୋକେ କହୁଥାନ୍ତି ଗରିବ ଦିଇଟାଙ୍କୁ କିଲିବିଲି କରୁଥିଲେ, ଏଥର ସେମାନେ ନିଜେ ବୁଝିପାରି ବଞ୍ଚିଗଲେ । ଏଥର ଦୁହେଁ କିଲିବିଲିଆ କିଙ୍ଗ୍ ଓ ଟେକି ରାଣୀ ଡାକ ଗାଁରେ ଗାଇ ଗାଁ ବାଲା ଏବଂ ସେ ଦୁହେଁ ଉଭୟ ଖୁସ୍ ।

ସଭାପତି, କେନ୍ଦ୍ରାପଡ଼ା ଜିଲ୍ଲା ସାରସ୍ୱତ ସଂଗଠନ
ଅଢ଼ାଖଣ୍ଡ, ଅଇନିପଡ଼ା,
ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା-୭୫୪୨୧୫
ଦୂରଭାଷ : ୯୯୩୮୮୪୮୫୪୯